# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି କାର୍ଯ୍ୟକ୍ରମ



ରାଜ୍ୟରେ ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀ ମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ କେନ୍ଦ୍ର ସରକାର, ଓଡ଼ିଶା ସରକାର ଏବଂ ଡ଼ି. ଏଫ୍. ଆଇ. ଡ଼ି ଙ୍କ ମିଳିତ ଉଦ୍ୟମରେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଏହି ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ମାଧ୍ୟମିକ ଶିକ୍ଷାରେ ଯୋଗଦାନ କରାଇ ସଫଳତା ପୂର୍ବକ ଶିକ୍ଷା ସମାପ୍ତ କରିବାରେ ସହାୟତା ପ୍ରଦାନ କରିବା ଏବଂ ମାଟ୍ରିକ ପରେ ଉଚ୍ଚଶିକ୍ଷା ପାଇଁ ମଧ୍ୟ ଉତ୍ସାହିତ କରିବା ।

## ଛାତ୍ରବୃତ୍ତିର ପରିମାଣ

| ବିଷୟ | ଛାତ୍ର | | ଛାତ୍ରୀ | |
|---|---|---|---|---|
| | ଦିବାଧ୍ୟାୟୀ (ଛାତ୍ରାବାସରେ ନରହି ଘରୁ ଯିବା ଆସିବା କରି ପାଠ ପଢୁଥିବା ଛାତ୍ର) | ଅନ୍ତେବାସୀ (ହଷ୍ଟେଲ/ଛାତ୍ରାବାସରେ ରହି ପାଠ ପଢୁଥିବା ଛାତ୍ର) | ଦିବାଧ୍ୟାୟୀ (ଛାତ୍ରାବାସରେ ନରହି ଘରୁ ଯିବା ଆସିବା କରି ପାଠ ପଢୁଥିବା ଛାତ୍ରୀ) | ଅନ୍ତେବାସୀ (ହଷ୍ଟେଲ/ଛାତ୍ରାବାସରେ ରହି ପାଠ ପଢୁଥିବା ଛାତ୍ରୀ) |
| ବହିପତ୍ର ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ପାଇଁ ଅନୁଦାନ (ବର୍ଷକୁ ଥରେ) | ଟ. ୭୫୦.୦୦ | ଟ. ୧୦୦୦.୦୦ | ଟ. ୭୫୦.୦୦ | ଟ. ୧୦୦୦.୦୦ |
| ମାସିକ ଛାତ୍ରବୃତ୍ତି (ବର୍ଷକୁ ୧୦ମାସ ପାଇଁ) | ଟ. ୧୫୦.୦୦ | ଟ. ୬୨୦.୦୦ | ଟ. ୨୪୫.୦୦ | ଟ. ୬୫୦.୦୦ |
| ସମୁଦାୟ ବାର୍ଷିକ | ୨,୨୫୦/- | ୭,୨୦୦/- | ୩,୨୦୦/- | ୭,୫୦୦/- |

## ଛାତ୍ରବୃତ୍ତି ପାଇଁ ଯୋଗ୍ୟତା

୧. ସରକାରୀ ବିଦ୍ୟାଳୟ, ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ବେସରକାରୀ ବିଦ୍ୟାଳୟ, କେନ୍ଦ୍ର/ ରାଜ୍ୟ ମାଧ୍ୟମିକ ବୋର୍ଡ଼ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀ ହୋଇଥିବେ ।

୨. ଅନ୍ତେବାସୀ ଛାତ୍ରଛାତ୍ରୀ ଏବଂ ଦିବାଧାୟୀ ଛାତ୍ରମାନଙ୍କର ପିତାମାତା/ ଅଭିଭାବକଙ୍କର ବାର୍ଷିକ ଆୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ।

୩. ଦିବାଧାୟୀ ଛାତ୍ରୀମାନଙ୍କ କ୍ଷେତ୍ରରେ ବାର୍ଷିକ ଆୟର କୌଣସି ସୀମା ନିର୍ଦ୍ଧାରଣ କରାଯାଇ ନାହିଁ ।

୪. ଛାତ୍ରଛାତ୍ରୀ ମାନେ ଉକ୍ତ ଶ୍ରେଣୀ (୯ମ ଓ ୧୦ମ) ପାଇଁ ଏହି ପ୍ରକାରର ଅନ୍ୟ କୌଣସି କେନ୍ଦ୍ରୀୟ ସହାୟତା ବା ଛାତ୍ରବୃତ୍ତି ପାଉନ୍ ଥିବେ।

୫. ଛାତ୍ରଛାତ୍ରୀ ମାନଙ୍କର ବିଦ୍ୟାଳୟରେ ସମୁଦାୟ ମାସିକ ଉପସ୍ଥାନ ହାରାହାରି ୭୦% ପ୍ରତିଶତ ହୋଇଥିବ।

ବି:ଦ୍ର:- ଏହି ଛାତ୍ରବୃତ୍ତି ଗୋଟିଏ ଶ୍ରେଣୀ ପାଇଁ ଥରେ ହିଁ ଦିଆଯିବ । ଯଦି କୌଣସି କାରଣ ପାଇଁ ଛାତ୍ରଛାତ୍ରୀ ପୁଣିଥରେ ସେହି ଶ୍ରେଣୀରେ ପଢିଲେ ତାହେଲେ ତାଙ୍କୁ ଦ୍ୱିତୀୟ ଥର ପାଇଁ ଛାତ୍ରବୃତ୍ତି ମିଳିବ ନାହିଁ ।

## କିପରି ଆବେଦନ କରିବେ:

- ଛାତ୍ରବୃତ୍ତି ପାଇଁ ନିର୍ଦ୍ଧାରିତ ଫର୍ମରେ ଗୋଟିଏ ଦରଖାସ୍ତ ପୂରଣ କରିବେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପାଖରେ ଜମା କରିବେ।
- ଏହି ନିର୍ଦ୍ଧାରିତ ଫର୍ମଟି ଛାତ୍ରଛାତ୍ରୀ ମାନେ ନିଜ ବିଦ୍ୟାଳୟରୁ ପାଇ ପାରିବେ।
- ବହିପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚପାଇଁ ବାର୍ଷିକ ଅନୁଦାନ ସିଧାସଳଖ ଭାବରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଜମାଖାତାରେ ଜମାହେବ ।
- ମାସିକ ଛାତ୍ରବୃତ୍ତି ଦିବାଧାୟୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସିଧାସଳଖ ତାଙ୍କର ବ୍ୟାଙ୍କ ଜମାଖାତାରେ ଜମା ହେବ ଏବଂ ଅନ୍ତେବାସୀଙ୍କ କ୍ଷେତ୍ରରେ ତାଙ୍କର ଛାତ୍ରାବାସ ବ୍ୟାଙ୍କ ଜମାଖାତାରେ ଜମା ହେବ ।

ତେଣୁ ଛାତ୍ରଛାତ୍ରୀ ମାନେ କୋର୍ ବ୍ୟାଙ୍କିଙ୍ଗ/ଅନ୍ ଲାଇନ୍ ବ୍ୟାଙ୍କିଙ୍ଗ ସୁବିଧା ଥିବା ଯେ କୌଣସି ବ୍ୟାଙ୍କରେ ଜମା ଖାତା ଖୋଲିବେ ।

**ଯୋଜନା ସଂପର୍କରେ ଅଧିକ ଜାଣିବା ପାଇଁ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEO) କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (DWO) ସହିତ ଯୋଗାଯୋଗ କରନ୍ତୁ ।**

OGIP

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡିଶା ସରକାର